ପାନୀୟ ଜଳ ସଂକଟ

# ୨୫ ପରିବାର ପାଇଁ କୂଅ ପାଣି ଭରସା

ଯଖପୁରା, ୧୩।୨(ସମିସ): ସରକାର ପିଇବା ପାଣି ପାଇଁ କୋଟି କୋଟି ଟଙ୍କା ବ୍ୟୟରେ କିପରି ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି ଦାନଗଦୀ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ହନୁମନ୍ତପାଟଣା ଗ୍ରାମର ଲୋକମାନେ। ପ୍ରାୟ ୨୫ପରିବାର ବାସକରୁଥିବା ଏହି ଗ୍ରାମରେ ସରକାରଙ୍କ ତରଫରୁ ପିଇବା ପାଇଁ ପାଣିର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଗ୍ରାମରେ ଥିବା ଦୁଇଟି କୂଅ ଉପରେ ସମସ୍ତେ ନିର୍ଭର କରି ଚଳିଆସୁଛନ୍ତି। ଏବେ ଫେବୃଆରି ମାସ ଚାଲିଥିବାରୁ ପାଣି ପାଇଁ କୌଣସି ପ୍ରକାରେ ଚଳିଯାଉଛନ୍ତି। କିନ୍ତୁ ପ୍ରତ୍ୟେକ ବର୍ଷ ଖରାଦିନ ଆରମ୍ଭରେ ଏହି କୂଅ ଦୁଇଟି ଶୁଖି ଯାଏ। ଫଳରେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଗ୍ରାମରେ ଏବେ ସୁଦ୍ଧା କୌଣସି ନଳକୂପର ବ୍ୟବସ୍ଥା କରାଯାଇନାହିଁ। ଏଠାରେ ଏକ ନଳକୂପ ଖନନ ନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୁଚନା ଅନୁଯାୟୀ ହନୁମନ୍ତ ପାଟଣା ଗ୍ରାମରେ ଥିବା ଦୁଇଟି କୂଅ ଉପରେ ଭରସା କରୁଛନ୍ତି। କିନ୍ତୁ କୂଅ ଦୁଇଟି ଦୂଷିତ ପାଣି ହୋଇଥିବାରୁ, ଅନ୍ୟ ବିକଳ୍ପ ନଥିବାରୁ ଏହାକୁ ବାଧ ହୋଇ ପିଇବା ପାଇଁ ବ୍ୟବହାର କରୁଛନ୍ତି। ଗ୍ରାମ ପାଖରେ ବହୁତ ଗୁଡିଏ କାରଖାନାର ଧୂଳି ଧୂଆଁ କୂଅରେ ମିଶି, ପାଣିକୁ ଦୂଷିତ କରିଦେଉଛି। ଏହି ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ପ୍ରକାର ରୋଗରେ ସଂକ୍ରମିତ ହେଉଥିବାର ଅଭିଯୋଗ ହେଉଛି। ସମସ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଆମକୁ ବିଶୁଦ୍ଧ ପାଣି ପାଇଁ ବଞ୍ଚିତ କରାଯିବା ପରିତାପର ବିଷୟ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ଗାଁ ରେ ଏକ ନଳକୂପ ଖନନ କରିବାପାଇଁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ବହୁବାର ଗୁହାରି କଲେ ମଧ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଖରାଦିନ ପୂର୍ବରୁ ତୁରନ୍ତ ଗାଁ ରେ ଏକ ନଳକୂପ ଖନନ କରିବାପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



## ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର





ସୁକିନ୍ଦା, ୧୩।୨(ସମିସ): କାଳିଆପାଣି ଥାନା ଅନ୍ତର୍ଗତ ସିରିଆଖଳି ଗ୍ରାମ ପାଖ ରେଙ୍ଗାଲି କେନାଲ ରାସ୍ତାରେ ମଙ୍ଗଳାବର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣେ ବୃଦ୍ଧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକରଙ୍ଗି ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଭାଗବତ ଦେହୁରୀ ବାଇକ ଚଳାଇ ସିରିଆଖଳି ପାଖ ରେଙ୍ଗାଲି କେନାଲ ରାସ୍ତାରେ ଫେରୁଥିବା ସମୟରେ କରଡ଼ାଗାଡିଆ ଗ୍ରାମର ନାଲୁ ମହାନ୍ତ(୬୫)ଙ୍କ ସହିତ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଉଭୟ ଗୁରୁତର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନାଲୁ ମହାନ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ଭାଗବତ ଦେହୁରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ହାଇଦ୍ରାବାଦରେ ଓଡିଆ ଯୁବକର ସନ୍ଦେହଜନକ ମୃତ୍ୟୁ

ପ୍ରୀତିପୁର, ୧୩।୨(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ଶ୍ରମିକ ଶଶିଭୂଷଣ ବିଶ୍ୱାଳଙ୍କ ପୁଅ ମହେଶ୍ୱର ବିଶ୍ୱାଳ(୨୨) ଙ୍କ ଦୁଇଦିନ ପୂର୍ବେ ହାଇଦ୍ରାବାଦ ଠାରେ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିଲା। ଆଜି ମହେଶ୍ୱରଙ୍କ ମୃତ ଦେହ ଗାଁକୁ ଫେରିଛି। ତେବେ ମହେଶ୍ୱର ମୃତ୍ୟୁ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବା ବେଳେ ମହେଶ୍ୱରଙ୍କ ମୃତ୍ୟୁକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଘରର ଆର୍ଥିକ ସ୍ଥିତି ଭଲ ନଥିବାରୁ ମହେଶ୍ୱର ନିଜ ପାଠ ପଢ଼ାରେ ଡୋରୀ ବାନ୍ଧି ରାଜ୍ୟ ବାହାରକୁ କାମ କରିବା ପାଇଁ ଘରୁ ଗୋଡ କାଢିଥିଲା। ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ ତିନି ମାସ ପୂର୍ବରୁ ଶ୍ରମିକ ଭାବେ କାମ କରୁଥିଲା ମହେଶ୍ୱର। ସଠିକ ସମୟରେ ମାସିକ ପାଉଣା ପାଉନଥିବାରୁ ଚିନ୍ତାରେ ଥିଲା। ଦୁଇଦିନ ପୂର୍ବେ ପରିବାର ନିକଟକୁ ମହେଶ୍ୱରଙ୍କ ସହକର୍ମୀମାନେ ଫୋନ କରି ମହେଶ୍ୱର ବେକର ଦଉଡି ଲଗାଇ ଆତ୍ମହତ୍ୟା କରିଛି ବୋଲି ପ୍ରକାଶ କରିଥିଲେ।

## ଟ୍ରେନ ଧକ୍କାରେ ଅଜଣା ଯୁବକ ମୃତ

ବ୍ୟାସନଗର, ୧୩।୨(ସମିସ): ଯାଜପୁର ରୋଡ ରେଲଷ୍ଟେସନ ନୂଆ ବାଇପାସ ବ୍ରିଜ ନିକଟରେ ଟ୍ରେନ ଧକ୍କାରେ ଅଜଣା ଯୁବକ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ପରେ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ ଜାତ ହୋଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪.୩୦ ମିନିଟ ସମୟରେ ଯାଜପୁର ରୋଡ଼ ଷ୍ଟେସନ ମାଷ୍ଟର ଏନେଇ ଜିଆରପିରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ୧୦.୩୦ ମିନିଟ ସମୟରେ ଜନୈକ ଯୁବକ ଯାଜପୁର ରୋଡ ରେଳ ଷ୍ଟେସନ ନୂଆ ବାଇପାସ ବ୍ରିଜରେ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଜିଆରପିକୁ ଖବର ଦେଇଥିଲେ। ଏହି ଖବର ପାଇ ଜିଆରପି ଅଧିକାରୀ ସୁଶାନ୍ତ କୁମାର ସେଠି ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବକର ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଜିଆରପି ଅଧିକାରୀ ଏତଲା ପାଇବା ପରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନଥିବାବେଳେ କ'ଣ ପାଇଁ ଆତ୍ମହତ୍ୟା କଲେ ଜଣା ପଡ଼ିନାହିଁ।

## ସୁକିନ୍ଦା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଲୁଟ୍

ସୁକିନ୍ଦା, ୧୩।୨(ସମିସ): ମଙ୍ଗଳବାର ଦିନ ଦ୍ୱିପହରେ ସୁକିନ୍ଦା ଥାନା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ସୂଚନା ମୁତାବକ ମଙ୍ଗଳବାର ଦିନ ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀ ସର୍ବେଶ୍?ର ସିଂ(୩୦) କଲେକ୍ସନ ଟଙ୍କା ନେଇ ବାଇକ ଯୋଗେ ଯାଉଥିବା ସମୟରେ ଦୁଇଜଣ ଲୁଟେରା ବାଇକରେ ଆସି ଫାଇନାନ୍ସ କର୍ମଚାରୀଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ତାଙ୍କ ଠାରୁ ୬୫ହଜାର ଟଙ୍କା ଲୁଟି ପାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଫାଇନନ୍ସ କର୍ମଚାରୀ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୁକିନ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏ ସଂକ୍ରାନ୍ତରେ ସୁକିନ୍ଦା ଥାନାରେ ୬୧/୨୦୨୪ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି।

## ଅଜଣା ଗାଡ଼ି ଧକ୍କାରେ ଅଧାପିକା ଗୁରୁତର

କବାଟବନ୍ଧ, ୧୩।୨ (ସମିସ): ଧର୍ମଶାଳା ବ୍ଲକର ଜେନାପୁର ଥାନା ଅଧିନ ଡୁବୁରୀ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର ଛକ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଜଣଙ୍କ ନାମ ସ୍ୱାଗତିକା ରାଉତ ବୋଲି ଜଣାପଡ଼ିଛି। ମୁକୁନ୍ଦପାତ୍ର ଡ଼ିଗ୍ରୀ କଲେଜରେ ଉଦ୍ଭିଦବିଜ୍ଞାନର ଅଧ୍ୟାପିକା ଭାବେ କାର୍ଯ୍ୟ କରୁଛନ୍ତି। ସକାଳେ କଲେଜ କାମ ସାରି ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କବାଟବନ୍ଧ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଜେନାପୁର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ମହିଳାଙ୍କ ଆତ୍ମହତ୍ୟା

ଟମକା, ୧୩।୨(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଚମ୍ପାଝର ବିଦ୍ୟାଳୟ ପାଖ ଶାଳୁଆ ଗଛରେ ଏକ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ଥିବାର ସ୍ଥାନୀୟ ଲୋକ ଦେଖି ଟମକା ପୁଲିସ୍‌କୁ ଖବର ଦେଇଥିଲେ ସଙ୍ଗେସଙ୍ଗେ ସ୍ଥାନୀୟ ଥାନାର ଆଇଆଇସି ଶଙ୍କର୍ଷଣଦଳାଇ ଏସ୍‌ଆଇ ଚନ୍ଦ୍ରଶେଖର ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ପ୍ରାଥମିକ ତଦନ୍ତ କରି ଜାଣିବାକୁ ପାଉଥିଲେ ଯେ କାଳିଆ ପାଣି ଥାନା କଅଁସ ଗ୍ରାମର ବିଧବା ଆଦିବାସୀ ମହିଳା ସୂର୍ଯ୍ୟ ମୁଣ୍ଡା(୫୦) ସ୍ୱାମୀ ରାମମୁଣ୍ଡା ପାରିବାରିକ କଳହରୁ ନିଜେ ଘରୁ ଆସି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଅପମୃତ୍ୟୁ ମାମଲା ରୁଜୁ କରି ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ତାଙ୍କର ଗ୍ରାମ ମଶାଣିରେ ସଂସ୍କାର କରାଯାଇଛି।

## ସୁବାସ ବୋଷ ଇଂଲିଶ ମିଡିଅମ୍ ସ୍କୁଲରେ କ୍ରୀଡା ପ୍ରତିଯୋଗିତା

ପାଣିକୋଇଲି ୧୩।୨(ସମିସ): ପାଣିକୋଇଲି ସ୍ଥିତ ସୁବାଷ ବୋଷ ଇଂଲିଶ ମିଡୟମ୍ ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ମା' ତାରିଣୀ ଡିଗ୍ରୀ କଲେଜ୍ ଅଧକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ପାଠ ପଢ଼ା ସହିତ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସେନାପତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୂଖ୍ୟ ଅତିଥି ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ଆଦବିକ୍ ଅନଭୟ ମ୍ୟୁଜିକ୍ ଚେୟାର ପ୍ରତିଯୋଗୀତାରେ ରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।



## ଯାଜପୁର ପୌରାଞ୍ଚଳ ଅର୍ପଣ ରଥ ଚାଉଳ ଶ୍ରୀମନ୍ଦିର ଗଲା



ଯାଜପୁର, ୧୩।୨(ସମିସ) ପୁରୀ ଶ୍ରୀମନ୍ଦିର ପରିକ୍ରମା ପାଇଁ ଅର୍ପଣ ରଥ ଯାଜପୁର ପୌରାଞ୍ଚଳର ୧୮ ଟି ୱାର୍ଡ ରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପ୍ରଦତ ଚାଉଳ ଓ ଗୁଆକୁ ସଦାବ୍ରତମଠ ମାଉସୀ ମା' ଘରେ ରଖାଯାଇଥିଲା। ମଙ୍ଗଳବାର ଦିନ ଏହି ଚାଉଳ ଓ ଗୁଆକୁ ଯାଜପୁର ପୌରପରିଷଦ ପକ୍ଷରୁ ଶ୍ରୀମନ୍ଦିରକୁ ପଠାଯାଇଛି। ଯାଜପୁର ପୌରାଞ୍ଚଳର ୧୮ ଟି ୱାର୍ଡ ରୁ ୩୧୮ କ୍ୱିଂଟାଲ ୨୦କେଜି ବସ୍ତା କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ପଠାଇ ଦିଆଯାଇଛି। ଯାଜପୁର ପୌରପରିଷଦ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ଙ୍କ ଉପସ୍ଥିତିରେ ଯାଜପୁର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ୱାବଧାନରେ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ପତିଙ୍କ ମାଧମରେ ଅର୍ପଣ ଚାଉଳକୁ ପଠାଇ ଦିଆଯାଇଛି। ଏହି ସମୟରେ ଯାଜପୁର ପୌରପରିଷଦର ବରିଷ୍ଠ କାଉନସିଲର ରବୀନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ରଣା, ମାନଗୋବିନ୍ଦ ପତି, ତିଳୋତ୍ତମା ସାହୁ, ମିନାକ୍ଷୀ ନନ୍ଦ, ପୂର୍ଣ୍ଣିମା ସାହୁ, ରୁଦ୍ରନାରାୟଣ ମହାନ୍ତି, ଶ୍ରୀକାନ୍ତ ଝୁଂଟିଆ, ସୁଶାନ୍ତ ଝୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## '୫-ଟି' ଅଧକ୍ଷଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଦାବିପତ୍ର

ଯାଜପୁର, ୧୩।୨(ସମିସ) ଯାଜପୁର ଗସ୍ତରେ ଆସିଥିବା ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ୍ ଙ୍କୁ ଅଲଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲାର ସମସ୍ତ କାର୍ଯ୍ୟରତ କର୍ମଚାରୀ ଇ.ଏମ.ଟି, ପାଇଲଟ୍, ଆଟେଣ୍ଡାଂଟ ପ୍ରମୁଖ ଗତ ୨୦୧୩ ମସିହାରୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଆସୁଛନ୍ତି। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, କରୋନା, ସାମୁହିକ ଦୁର୍ଘଟଣା, ଏମିତି କି ବାହାନଗା ଟ୍ରେନ୍ ଦୁର୍ଘଟଣା ପରି ପରିସ୍ଥିତିରେ ଜନସାଧାରଣମାନଙ୍କୁ ଉପଯୁକ୍ତ ସମୟରେ ଖୁବ ପାରିଶ୍ରମିକରେ ସେବା ଯୋଗାଇ ଦେଇଆସୁଛନ୍ତି। ସେମାନଙ୍କୁ ନିୟମିତ କରାଯିବା କିମ୍ବା ସ୍ୱତନ୍ତ୍ର ପ୍ୟାକେଜ୍ ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇ.ଏମ.ଟି ଙ୍କୁ ୩୦ହଜାର ଟଙ୍କା, ପାଇଲଟ୍‌କୁ ୨୫ ହଜାର ଟଙ୍କା, ଆଟେଣ୍ଡାଂଟ ଙ୍କୁ ୨୦ ହଜାର ଟଙ୍କା ଏବଂ ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ ଇ.ଏମ୍.ଟି କୁ ୩୫ ହଜାର ପ୍ରଦାନ କରିବା, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିନ୍ତ କରାଯିବା, ଲୋକମାନଙ୍କ ଆକ୍ରମଣର ଶିକାର ହେଲେ ଦୋ ଷୀପ୍ରତି ସ୍ୱତନ୍ତ୍ର ଦଣ୍ଡବିଧାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସଂଘ ସହ ଆଲୋଚନା ଗ୍ରହଣ କରିବା, ଆମ୍ବୁଲାନ୍ସ ଧୋଇବା ପାଇଁ ସୁବିଧା ଓ ଶୌଚାଳୟର ସୁବିଧା ଥାଇ ବିଶ୍ରାମଗୃହ ପ୍ରଦାନ କରାଯିବା ଏବଂ କର୍ମଚାରୀମାନଙ୍କର ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା ଭଳି ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।






## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଯାଜପୁର, ୧୩।୨(ସମିସ): ଜନୈକା ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩ଲକ୍ଷ ୪୦ହଜାର ଟଙ୍କା ଜରିମାନା ନେଇ ଏକ ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କୁଆଖିଆ ଥାନା ଅଞ୍ଚଳର ଜନୈକା ୮ମ ଶ୍ରେଣୀରେ ପଢୁଥିବା ୧୩ ବର୍ଷ ଛାତ୍ରୀ ୨୦୨୨ ମସିହା ଜୁଲାଇ ମାସ ୧୨ତାରିଖ ସ୍କୁଲକୁ ଯାଇ ଆଉ ଫେରିନଥିଲା। ଘର ଲୋକମାନେ ଝିଅକୁ ଖୋଜାଖୋଜି କରିବା ପରେ ୧୩ ତାରିଖ ଦିନ କୁଆଖିଆ ଥାନାରେ ନିଖୋଜ ହୋଇଥିବା ଏତଲା ଦାଏର କରିଥିଲେ। ଏହି ଏତଲାକୁ ଭିତିକରି କୁଆଖିଆ ଥାନା ଅଧିକାରୀ ଥାନା କେଶ୍ ନଂ୨୨୯/୨୨ ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଗତ ୨୫.୦୭.୨୦୨୨ରିଖରେ ପୋଲିସ୍ ଭୁବନେଶ୍ୱର ରେଳ ଷ୍ଟେସନ୍‌ରୁ କୁଆଖିଆ ଥାନା ଭୋଟକା ଗ୍ରାମର ଦେବାଶିଷ ବେହେରାଙ୍କ ସହ ନାବାଳିକାକୁ ଉଦ୍ଧାର କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ଦେବାଶିଷ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହା ପରେ ନାବାଳିକା ଜଣକ ପୋଲିସ ନିକଟରେ ୨୦୨୨ ମସିହା ଜୁଲାଇ ମାସ ୧୨ ତାରିଖ ଦିନ ସ୍କୁଲରୁ ଫେରୁଥିବା ସମୟେ ଅଭିଯୁକ୍ତ ଦେବାଶିଷ ନାବାଳିକାକୁ ଚକ୍‌ଲେଟ୍ ଦେଇ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ନେଇଯାଇଥିଲା। ସେଠାରୁ ତାକୁ ତାମିଲନାଡୁ ନେଇଯାଇ ଗୋଟିଏ ସାଙ୍ଗ ଘରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା ବୋଲି ପ୍ରକାଶ କରିଥିଲେ। ଏହି ମୋକଦ୍ଦମାର ଚୁଡାନ୍ତ ଶୁଣାଣି କରି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ୍ ପଲାଇ ଅଭିଯୁକ୍ତ ଦେବାଶିଷ ବେହେରାକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩ଲକ୍ଷ ୪୦ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦାୟରେ ୩୧ ମାସ ଜେଲ୍ ଦଣ୍ଡାଦେଶ ଭୋଗ କରିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ୭ଲକ୍ଷ ଟଙ୍କା ପୀଡିତାକୁ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।



## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଗଲା ଯୁବକ

ବିଞ୍ଝାରପୁର, ୧୩।୨, (ସମିସ):ବିଂଝାରପୁର ବ୍ଲକର ରଣପୁର ପଞ୍ଚାୟତର କଣ୍ଟିପୁର ଗ୍ରାମରେ ଆଜି ଏକ ବିଦ୍ୟୁତ ଜନୀତ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଭାବରେ ଜଳି ଯାଇଥିବା ଜଣା ଯାଇଛି। ପ୍ରକାଶ ଯେ ସକାଳ ପ୍ରାୟ ୯ଟା ସମୟରେ. ମୋହନ ଯେନା ଙ୍କ ପୁଅ ସନ୍ତୋଷ ଯେନା(୩୩) କୌଣସି କାରଣରୁ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କ ଶରୀରର ୭୫ଭାଗ ଜଳିଯାଇଥିଲା। ତାଙ୍କୁ ପ୍ରଥମେ ବିଞ୍ଝାରପୁର ଓ ପରେ ଯାଜପୁର ମୁଖ୍ୟ ଡାକ୍ତରଖାନା ଦିଆଯାଇଥିଲା।ବିଦ୍ୟୁତ ବିଭାଗର ଦାୟିତ୍ୱ ହୀନତା ପାଇଁ ଏପରି ଦୁଃଖଦ ଘଟଣା ଘଟିଛି ବୋଲି ଅଭିଯୋଗ କରାଯାଇଛି।






## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

# 'ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ ହେଉଛି ସହାୟକ'

କୟାଁଗୋଲା, ୧୩।୨(ସମିସ): ଦଶରଥପୁର ବ୍ଲକ ଇଜାପୁର ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ



ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବିରଜା ପ୍ରସାଦ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି ସଚେତନତା ଶିବିରକୁ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ଖୁବ୍ ସହାୟକ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ସଭ୍ୟା ମାମିନା ମଲ୍ଲିକ, ବିଡ଼ିଓ ଆକାଶ ପଟ୍ଟନାୟକ, ସରପଞ୍ଚ ରାଜଶ୍ରୀ ସାମଲ, ସମିତି ସଭ୍ୟ ବ୍ରଜରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ଇଜାପୁର ଓ ତଳିହା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇଜାପୁର ପଞ୍ଚାୟତ ଶିବିରରେ ସାହିତ୍ୟିକ ବିରଜା ପ୍ରସାଦ ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ରାଜଶ୍ରୀ ସାମଲ, ବିଡିଓ ଆକାଶ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ୍, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସଭ୍ୟା ମାମିନା ମଲ୍ଲିକ, ସମିତି ସଭ୍ୟ ଯୁବ ସମାଜସେବୀ ଅମୀୟ ଜେନା ପ୍ରମୁଖ ଶିବିରର ଉଦ୍ଦେଶ୍ୟକୁ ନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଶିବିରରେ କୁନି କଣ୍ଠଶିଳ୍ପୀ ବିଦୁସ୍ମିତା ସାହୁ ଗୀତ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏ ପରିପ୍ରେକ୍ଷୀରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ପଞ୍ଚାୟତ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ତଳିହାରେ ସରପଞ୍ଚ ରଞ୍ଜିତା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଡିଓ ଆକାଶ ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ନିର୍ମଳ କାପ୍ ପ୍ରମୁଖ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ସରକାରୀ ଯୋଜନାର ରୂପରେଖ ଉପରେ ସଚେତନ କରିଥିଲେ।

**ବଡ଼ଚଣା:** ବଡଚଣା ବ୍ଲକ ଅନ୍ତର୍ଗତ ବୈରୀ ପଞ୍ଚାୟତ ପକ୍ଷରୁ ମା' ତରକେଇ ଠାକୁରାଣୀ ପୀଠରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଏକ ସଚେତନତା ଶିବିର ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣ୍ଡବ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ପଦ୍ମନାଭ ସାମଲ, ସମବାୟ ସମିତି ସଭାପତି ଭାଗ୍ୟଧର ସାହୁ, ଯୁବ ସମାଜସେବୀ ସୁରଜିତ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଶିବରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଆରଏସ ଗୌରାଙ୍ଗ ସ୍ୱାଇଁ, ପ୍ରଣୟ ରଣା, ଅମ୍ବୁଜ ବେହେରା, ଅପରାଜିତା ଖୁଣ୍ଟିଆ, ପ୍ରିୟଙ୍କା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।



## ମୋବାଇଲ ଭ୍ୟାନ୍ ପରିଭ୍ରମଣର ଶୁଭାରମ୍ଭ



ଯାଜପୁର, ୧୩।୨(ସମିସ): ଆଜି ପୂର୍ବାହ୍ନରେ ଜିଲ୍ଲା ଦୌରା ଜଜ ଅଦାଲତ ପରିସରରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ଆଇନ ସାହାଯ୍ୟ, ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସଚେତନତା ଦୁଇଦିନିଆ ମୋବାଇଲ ଭ୍ୟାନ ପରିକ୍ରମାକୁ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଡ. ଜୀବନ ଜ୍ୟୋତି ରଥ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଆଇନ ସଚେତନତା ମୋବାଇଲ୍ ଭ୍ୟାନ୍ ବିଭିନ୍ନ ନିମ୍ନ ଅଦାଲତ କାର୍ଯ୍ୟାଳୟ ପରିସର, ତହସିଲ ଓ ବ୍ଲକ କାର୍ଯ୍ୟାଳୟ, ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବାର୍ତ୍ତା ପ୍ରଦାନ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ନ୍ୟାୟିକ ସୁଫଳର ସାହାଯ୍ୟ, ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇବ। ଏଥିସହ ଆସନ୍ତା ମାର୍ଚ୍ଚ ମାସ ୯ ତାରିଖରେ ଜିଲ୍ଲା ଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ଜନସାଧାରଣ ବିଭିନ୍ନ କେଶର ସରଳ ଫଇସଲା ନିମନ୍ତେ ବାର୍ତ୍ତା ପ୍ରଚାର ପ୍ରସାର କରିବାର ଭୂମିକା ନିର୍ବାହ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୁଣ୍ଡିଚା ସାମନ୍ତସିଂହାର, ପରିବାର ଜଜ୍ ସୁନୀଲ କୁମାର ଦାସ, ଅତିରିକ୍ତ ଜିଲ୍ଲା ଦୌରା ଜଜ ଅଭିଜିତ ପଲେଇ, ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ପେଶାଲ ଜଜ ପୋକ୍ସ କୋର୍ଟ ସତ୍ୟ ପ୍ରକାଶ ରାୟଚୌଧୁରୀ, ବରିଷ୍ଠ ଦିୱାନୀ ବିଚାରପତି ମାନସ ରଞ୍ଜନ ସାମନ୍ତରାୟ, ରେଜିଷ୍ଟ୍ରାର, ସିଭିଲ କୋର୍ଟ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଟମକାରେ ମନ୍ତ୍ରୀ ବାଣ୍ଟିଲେ ପଟ୍ଟା

ଟମକା, ୧୩।୨(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଟମକା ଛକ ପାଖ ଡାକବଙ୍ଗଳାରେ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ଦାନଗଦି ବ୍ଲକର ୩୨୨ ଜଣ ଆଦି ଭଉଣୀଙ୍କୁ ଘରବାଡି ପଟ୍ଟା ପ୍ରଦାନ କରିଛନ୍ତି। କିଆଝରେ, ନଛିପୁରା ଓ ଶାଳିଜଙ୍ଗା ପଞ୍ଚାୟତର ଆଦିବାସୀ ସ୍ଥାୟୀ ପଟ୍ଟା ପାଇଲା ପରେ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଘର ପାଇପାରିବେ। ଦାନଗଦି ବ୍ଲକର ଆଉ ଯେଉଁ ଆଦିବାସୀ ଭାଇ, ମାଆମାନେ ରହିଯାଇଛନ୍ତି, ସେମାନଙ୍କୁ ପର୍ଯ୍ୟାୟକ୍ରମେ ସ୍ଥାୟୀ ପଟ୍ଟା ଦିଆଯିବ। ଦେଉଳକଣ, କିଆଝରେର ଜନସାଧାରଣଙ୍କ ପାଇଁ ଏକ ରାଜସ୍ୱ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମନୋରଞ୍ଜନ ପାଇଁ ଏକ ସୁନ୍ଦର ପାର୍କ କାମ ଚାଲିଛି। ନବୀନ ସରକାରରେ ମହିଳାଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ୧୦ଲକ୍ଷ ଟଙ୍କା ସହାୟତା ଯାହା ଭାରତ ବର୍ଷରେ ସର୍ବୋତ୍କୃଷ୍ଟ ଅଟେ। ଏହି ପଟ୍ଟା ବଣ୍ଟନ ମେଳାରେ ଦାନଗଦି ବ୍ଲକର ତହସିଲଦାର ସ୍ମୃତିରେଖା ଦାସ, ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ଟିନା ହାଇବ୍ରୁ, ସ୍ଥାନୀୟ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ନଛିପୁରା ସରପଞ୍ଚ ସତ୍ୟଭାମା ବେହେରା, ଶାଳିଜଙ୍ଗା ସରପଞ୍ଚ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ।

## ମା' ହିଙ୍ଗୁଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଯଖପୁରା, ୧୩।୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମରେ ଦୀର୍ଘ ୧୮ ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଡାଇରେକ୍ଟର ଭେଙ୍କଟ ଶିବରାମ କ୍ରିଷ୍ଣା, ସିଜେ ଡାର୍ସଲର ଜିଏମ ଆମ୍ରିକ ସିଂ ଲୟାଲ, ଏରିଆ ମ୍ୟାନେଜର ସନ୍ତୋଷ ଶର୍ମା, କେଜେ ଇସ୍ପାତର ଏଚଆର ହେଡ ଦେବପ୍ରିୟ ମହାନ୍ତି, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଯଖପୁରା ମହିଳା ବିଜେଡି ସଭାପତି ସୋନାଲି ପହି, ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ଦୀପ୍ତିମୟୀ ପହି ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଯୋଡ଼ାବର କ୍ରିକେଟ କ୍ଲବ ଓ ଜେଏସଏଲ କ୍ରିକେଟ ଟିମକୁ ବିଜୟୀ କପ ଏବଂ ବଞ୍ଚା ଓ ସାଇଜର କ୍ରିକେଟ ଟିମକୁ ରନର୍ସ କପ ପ୍ରଦାନ କରାଯାଇଥିଲା। ସେହିପରି ପଞ୍ଚାୟତ ସ୍ତରୀୟ ଖେଳ ପାଇଁ ଯୁବକ ଓ ବୟସ୍କ ପାଇଁ ଯଖପୁରାର ୨ଟି ଟିମ୍ ରନର୍ସଅପ ଓ ମାଣତୀରା, ବାଲୁଙ୍ଗାବନ୍ଧିକୁ ବିଜୟୀ କପ ପ୍ରଦାନ କରାଯାଇଥିଲା।

## ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



କୁଆଖିଆ, ୧୩।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ମଧୁବନହାଟସ୍ଥ ସରସ୍ୱତୀ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଶିବ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗର ସରକାରୀ ଓକିଲ ନିରଞ୍ଜନ ମହାରଣା, ସ୍ଥାନୀୟ ସରପଞ୍ଚ ଅଶୋକ ମଲ୍ଲିକ, ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁଜୀ ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଗୁରୁଜୀ ବାର୍ଷିକ ବିବରଣୀ ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ନେଇ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାଙ୍କ ସରକାରୀ ବୃତ୍ତି ହାତେଇଥିବା ୪ ଜଣ, ୨ ଜଣ ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି, ଜଣେ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବା ସହ ୨୦୨୨-୨୩ ଶିକ୍ଷାବର୍ଷରେ ୧ମରୁ ୮ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବରଧାରୀ ୮ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବାରବାଟି, ୧୩।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା' ଦୁର୍ଗାଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଶିକ୍ଷକ ପ୍ରଣୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହପାଠୀ ସତ୍ୟରଞ୍ଜନ ଦେବତା, ଅମୂଲ୍ୟ ଦାଶ, ଶତ୍ରୁଘନ ସାହୁ, ଜଗଦୀଶ ବାରିକ, ମଦନମୋହନ ନାୟକ, ଭିକାରୀ ଧିର, ଜଗତ ମୁଦୁଲି, ଅଶ୍ୱିନୀ ମହାପାତ୍ର, ଅଜୟ ଜେନା ପ୍ରମୁଖଙ୍କ ସମେତ ବହୁ ସାଥୀ ଯୋଗଦେଇ ଥିଲେ। ଏ ଅବସରରେ ଅକାଳ ବିୟୋଗ ଘଟିଥିବା ଶିକ୍ଷୟିତ୍ରୀ/ଶିକ୍ଷକ ଓ ସାଙ୍ଗଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ବିଂଝାରପୁର, ୧୩।୨(ସମିସ): ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି ଅଧକ୍ଷ ଓ ସଦସ୍ୟ, ବାଲ୍ୟବିବାହ ନିଷେଧ କମିଟି ସଦସ୍ୟ ସଦସ୍ୟା ଓ ମହିଳା ପରିଦର୍ଶିକାଙ୍କ ପାଇଁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରୁକ୍ମଣୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗଦେଇ ଶିଶୁମାନେ ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କର ସାମଗ୍ରିକ ବିକାଶ ଓ ସୁରକ୍ଷା କ୍ଷେତ୍ରରେ ପରିବାର ଓ ସମାଜର ଗୁରୁଦାୟିତ୍ୱ ରହିଛି। ବିଭିନ୍ନ କାରଣରୁ କିଛି ଶିଶୁ ପାଠପଢ଼ାରୁ ବଞ୍ଚିତ ହୋଇ ଅସୁରକ୍ଷିତ ଭାବେ ଜୀବନ ଅତିବାହିତ କରୁଛନ୍ତି। ଏହି ଶିଶୁ ସେମାନଙ୍କୁ ପ୍ରଦତ୍ତ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ମତ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ରୂପେ ବିଂଝାରପୁର ସ୍ୱାସ୍ଥ୍ୟ ଅଧିକାରୀ କ୍ଷିତୀଶ ଚନ୍ଦ୍ର ନାୟକ ଯୋଗଦେଇ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିବା ସହ ସରକାରଙ୍କ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶିକ୍ଷା ଅଧିକାର ଆଇନ-୨୦୦୯ ଉପରେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶାରଦ ରୂପେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ ଶିଶୁ ସୁରକ୍ଷା କ୍ଷେତ୍ରରେ ଗ୍ରାମ ସ୍ତରରୁ ପଞ୍ଚାୟତ ଓ ବ୍ଲକ ସ୍ତରରେ ଥିବା ବିଭିନ୍ନ କମିଟି ଗଠନ ଓ କାର୍ଯ୍ୟାବଳୀ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ମହିଳା ପରିଦର୍ଶିକା ଓ ଅଙ୍ଗନବାଡି କର୍ମୀ ପ୍ରଶିକ୍ଷାର୍ଥୀ ରୂପେ ଯୋଗ ଦେଇଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କର୍ମକର୍ତ୍ତା ମିହିର ଜେନା, ଶିଶିର ମଲ୍ଲିକ, ବିଶ୍ୱନାଥ ଦାସ ଓ ସଂଯୋଗର ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ନୂଆ-ଓ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

କୁଆଖିଆ, ୧୩।୨(ସମିସ): ରସୁଲପୁର ବ୍ଲକ ସ୍ତରରେ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳି, ସଫଳ ଦଳକୁ ପୁରସ୍କୃତ କରାଯାଇଛି। ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବିଡିଓ ଅବନୀକାନ୍ତ ସାହୁ, ରାଜ୍ୟ



ପ୍ରସିଦ୍ଧ ଗାୟକ ସତ୍ୟଜିତ ପ୍ରଧାନ, ଅଭିନେତ୍ରୀ ଶୀତଲ, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁଧିର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଫୁଟବଲ୍ ଓ ଖୋଖୋରେ ବନ୍ଧଡିହ ୱାରିଅର ଚାମ୍ପିଅନ ହୋଇଥିବାବେଳେ ଖୋ-ଖୋରେ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରନର୍ସଅପ, କବାଡିରେ ବାହାଦଲାପୁର ହରପାର୍ବତୀ କ୍ଲବ ଚାମ୍ପିଅନ, ରସୁଲପୁର ପଞ୍ଚାୟତର ଯାଜପୁର କବାଡି ଆସୋସିଏସନ୍ ରନର୍ସଅପ, ସେହିପରି ପୁରୁଷ ହକିରେ ମୁଗୁପାଳର ଥାନପତି କ୍ଲବ ଚାମ୍ପିଅନ ହୋଇଥିବାବେଳେ ଓଡିଶୋର ଫ୍ରେଣ୍ଡସ୍ କ୍ଲବ ରନର୍ସଅପ ହୋଇଥିଲା। ସେହିପରି କ୍ରିକେଟରେ ରାଉତରାପୁରର ନେତାଜୀ ସ୍ପୋର୍ଟିଂ କ୍ଲବ ଚାମ୍ପିଅନ ଓ ଗନ୍ଧଶର ଏକତଳା ଇଲେଭେନ ଷ୍ଟାର ରନର୍ସଅପ, କବାଡିରେ ରସୁଲପୁରର ଯାଜପୁର କବାଡି ଆସୋସିଏସନ ଚାମ୍ପିଅନ ଓ ବାହାଦଲାପୁରର କୁଆଖିଆ ସ୍ପୋର୍ଟିଂ କ୍ଲବ ରନର୍ସଅପ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅନାଦୀ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଓ କ୍ରୀଡା ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍‌ସଙ୍ଗ ବିହାରରେ ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ସୁକିନ୍ଦା, ୧୩।୨(ସମିସ): ସୁକିନ୍ଦା ସତସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ମହୋତ୍ସବ ପାଳିତ ହୋଇଯାଇଛି। ରିତିକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ସତସଙ୍ଗ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଥାର୍ଡ ଆଇଆର ବାଟାଲିୟନର ଦୁର୍ଗପତି ଲୋଚନ ପଶାୟତ, ବିଜେପି ନେତା ପ୍ରଦୀପ ବଳସାମନ୍ତ, ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଶ୍ୱେତ କୁମାର ଜାଲ୍ଲିଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ ସମ୍ବର୍ଦ୍ଧିତ

କୟାଁଗୋଲା, ୧୩।୨ (ସମିସ): ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ତଥା ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ଯୁବ କବି ଧୀରେନ୍ଦ୍ର ମଲ୍ଲିକଙ୍କୁ ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବିରଜା କୃପା ସାହିତ୍ୟ ପରିବାର' ପକ୍ଷରୁ ରବିବାର ଯାଜପୁର ଟାଉନସ୍ଥ ଗୌତମ ବୃଦ୍ଧ ସଂସ୍କୃତି ଭବନରେ ବିରଜା ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ବୈଦ୍ୟନାଥ ପଣ୍ଡା, ସଭାପତି ବିଦ୍ୟୁତପ୍ରଭା ମିଶ୍ର, ମୁଖ୍ୟ ଅତିଥି ଡଃ ଜ୍ଞାନରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ସୁଶାନ୍ତ କୁମାର ପଣ୍ଡା, ବରିଷ୍ଠ ସାହିତ୍ୟିକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ତାଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ପାଣିକୋଇଲି, ୧୩।୨(ସମିସ): ପାଣିକୋଇଲିସ୍ଥ ମା' ତାରିଣୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଛି। ଅଧକ୍ଷ ପାର୍ଥସାରଥି ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ +୩ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ବାଳିକା ଆତ୍ମରକ୍ଷା କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବିସ୍ତୁତ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମର ସଂଯୋଜକ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଗୌରହରି ମହାପାତ୍ର ୮ ଦିବସୀୟ ଶିବିରର ଉଦ୍ଦେଶ୍ୟ ଓ ଉପାଦେୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ, ବିଦ୍ୟାଧର ବେହେରା, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ସୋମନାଥ ପତି, ସୁଶାନ୍ତ ପଣ୍ଡା, ତୁଷାର ରଞ୍ଜନ ପୁହାଣ, ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ, ପ୍ରଭାମୟୀ ସାମଲ ପ୍ରମୁଖ ଯୋଗଦେଇ ବାଳିକା ଆତ୍ମରକ୍ଷା ଶିବିର ଉଦ୍ଦେଶ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ପ୍ରଶିକ୍ଷିକା ସନ୍ତୋଷ ରାଣୀ ପଣ୍ଡା ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିବାବେଳେ ଅଧ୍ୟାପିକା କଲ୍ୟାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଥାଲକୁଡ଼ିକୁ ହରାଇ ଚାଉଳିଆ ଚାମ୍ପିଅନ

ମଙ୍ଗଳପୁର, ୧୩।୨(ସମିସ): ଦଶରଥପୁର ବ୍ଲକ ଶ୍ରୀରାମପୁର ଗ୍ରାମର କନକେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳପୁରରେ ଚାଲିଥିବା ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚାଉଳିଆର ଅଲ୍ ଷ୍ଟାର କ୍ରିକେଟ୍ ଟିମ୍ ଥାଲକୁଡ଼ିର ଗଜାନନ କ୍ରିକେଟ୍ ଟିମ୍‌କୁ ୯ ୱିକେଟ୍‌ରେ ହରାଇ ଚାମ୍ପିଅନ୍ ହୋଇଛି। ପ୍ରଥମେ ଥାଲକୁଡ଼ି କ୍ରିକେଟ୍ ଟିମ୍ ବ୍ୟାଟିଂ କରି ୮ ଓଭରରେ ସମସ୍ତ ୱିକେଟ୍ ହରାଇ ୫୦ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ଚାଉଳିଆ କ୍ରିକେଟ୍ ଟିମ୍ ୭.୧ ଓଭରରେ ୧ ୱିକେଟ୍ ହରାଇ ଆବଶ୍ୟକୀୟ ୫୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସାମ୍ବାଦିକ ସୀତାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଡାକ୍ତର ରାଜେନ୍ଦ୍ର କୁମାର ପୃଷ୍ଟି ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୧୨, ୨୨୨ ଟଙ୍କା ଓ ରନର୍ସଅପ୍ ଦଳକୁ କପ୍ ସହ ୬, ୬୬୬ ଟଙ୍କା ପ୍ରଦାନ କରିଥିଲେ। କନକେଶ୍ୱରୀ କ୍ରିକେଟ୍ କ୍ଲବ୍ ସଭାପତି ସୁରଥ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ।



## ମା'ମଙ୍ଗଳା କପ୍ କ୍ରିକେଟ୍ ଉଦ୍‌ଯାପିତ

# ଜାରକାକୁ ହରାଇ ଧନେଶ୍ୱର ଚାମ୍ପିଅନ

ଶଙ୍ଖଚିଲା, ୧୩।୨ (ସମିସ): ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାରାତ୍ର ମା' ମଙ୍ଗଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଛୋଟରାୟପୁର ଖେଳ ପଡ଼ିଆରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ୟୁନାଇଟେଡ୍ ଜାରକା ଓ ରଘୁନାଥ ଇଲେଭେନ ଧନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୦୩ ରନ ସଂଗ୍ରହ କରିଥିବାବେଳେ ଜାରକା ୧୦୩ ରନ କରିଥିଲା। ମ୍ୟାଚ୍ ଟାଇ ହେବାରୁ ସୁପର ଓଭର ଖେଳ ହେଇଥିଲା। ଏଥିରେ ପ୍ରଥମେ ଜାରକା ବ୍ୟାଟିଂ କରି ୫ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଧନେଶ୍ୱର ୬ ରନ କରି ବିଜୟୀ ହୋଇଥିଲା।



ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ମୁଖ୍ୟବକ୍ତା ଭାବେ ଓଡ଼ିଶା ଯୋଗ ଥେରାପିଷ୍ଟ ଆସୋସିଏସନର ସଭାପତି ବନମାଳୀ ରଥ, ସମ୍ମାନିତ ଅତିଥି ଭାବେ କାହ୍ନୁଚରଣ ମହାବିଦ୍ୟାଳୟ ଅଧକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ, ଠାକୁରପାଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷାବିତ ବିଦ୍ୟାଧର ପାତ୍ରୀ ଓ ସମାଜସେବୀ ପ୍ରମୋଦ କୁମାର ଖୁଣ୍ଟିଆ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# କ୍ଷମତା ନୁହେଁ, ସେବାକୁ ଗୁରୁତ୍ୱ ଦିଅନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ





ଯାଜପୁର ୧୩।୦୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସାଧାରଣ ଲୋକଙ୍କ ସେବାକୁ ଗୁରୁତ୍ୱ ଦେଇଥାନ୍ତି। ସାଧାରଣ ଲୋକଙ୍କ ପାଖରେ କିଭଳି ସେବା ମିଳିପାରିବ ସେଥିପ୍ରତି ସବୁବେଳେ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଇଥାନ୍ତି। ସବୁ ପ୍ରକାର ଲୋକଙ୍କ ପାଇଁ ନୂଆ ନୂଆ ଯୋଜନା ପ୍ରଣୟନ କରୁଛନ୍ତି। ଖୁବ ଶୀଘ୍ର ଯାଜପୁର ଜିଲାବାସୀଙ୍କ ପାଇଁ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରାଯିବ ବୋଲି '୫-ଟି' ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଘୋଷଣା କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭ କରି କାଳିଆ ଯୋଜନା ପର୍ଯ୍ୟନ୍ତ ସବୁ ଯୋଜନାକୁ ରାଜ୍ୟବାସୀ ବେଶ ପସନ୍ଦ କରୁଛନ୍ତି। ଆଜି ଯୁକ୍ତ ୩ କଲେଜ ଛାତ୍ର ଛାତ୍ରୀଙ୍କ ପାଇଁ ନୂଆ ବୃତ୍ତି ରାଶି ଘୋଷଣା କରାଯାଇଛି ବୋଲି କହିଥିଲେ। କଳାକାର ଯୋଜନାରେ ଭତା ରାଶି ବୃଦ୍ଧି କରାଯିବା ସହିତ ବାର୍ଦ୍ଧକ୍ୟ ଭତା ମଧ୍ୟ ବୃଦ୍ଧି କରାଯାଇଥିବା କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ବଡ ବଡ ସ୍ୱପ୍ନ ଦେଖିବା ଆବଶ୍ୟକ ଏବଂ ସେହି ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ସାକାର କରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ଯାଜପୁର କୁସୁମା ପଡ଼ିଆରେ ବିଜେଡିର ଦଳୀୟ ବୈଠକରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୭ ଟି ନିର୍ବାଚନ ମଣ୍ଡଳୀର ୨୦ ହଜାରରୁ ଉର୍ଦ୍ଧ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ସାଂସଦ ସର୍ମିଷ୍ଠା ସେଠୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଯାଜପୁର ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପଙ୍ଗୁଆ, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ଜିଲା ଯୁବ ସଭାପତି ପ୍ରତାପ ମହାନ୍ତିଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।





## ଶିବରାଜଙ୍କ ଆକଳନକୁ ସମାଲୋଚନା

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଏବେ ଓଡ଼ିଶା ଗସ୍ତରେ ଅଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେପି ସରକାର କରିବ ବୋଲି ଯେଉଁ ମତ ଦେଇଛନ୍ତି ତାକୁ ଭି କେ ପାଣ୍ଡିଆନ ସମାଲୋଚନା କରିଛନ୍ତି। ତେବେ କେଉଁ ଓଡ଼ିଶାରେ ବିଜେପି ସରକାର କରିବ ବୋଲି ଓଲଟି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଥିଲେ।

## ୬ ମାସରେ ୬୧୦ କୋଟି ଟଙ୍କା ମଞ୍ଜୁର

ଗତ ଅଗଷ୍ଟ ମାସ ଶେଷ ସପ୍ତାହରେ ଭି କେ ପାଣ୍ଡିଆନ ଯାଜପୁର ଜିଲାକୁ ଆସିଥିଲେ। ସେତେବେଳେ ଜିଲାର ମୋଟ ୧୦ଟି ବ୍ଲକରୁ ୨ ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରିଥିଲେ। ସେହି ଅଭିଯୋଗ ମଧ୍ୟରୁ ମୋଟ ୨୩୦୦ରୁ ଉର୍ଦ୍ଧ୍ୱ ଅଭିଯୋଗର ସମାଧାନ ହୋଇଛି।ଏଥିପାଇଁ ମୋଟ ୬୧୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ସେଥିମଧ୍ୟରୁ ମା ବିରଜା ମନ୍ଦିରର ଉନ୍ନତିକରଣ ପାଇଁ ୧୫ କୋଟି, ମହାବିନାୟକ ମନ୍ଦିର ପାଇଁ ୭.୬୦ କୋଟି, ସିଦ୍ଧେଶ୍ୱର ମନ୍ଦିର ପାଇଁ ୧.୫୦ କୋଟି, ବେଲେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୧.୫୦ କୋଟି ଆଦି ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।



## ୧୪୭ ଆସନରେ କେବଳ ନବୀନ ଓ ଶଙ୍ଖ ଚିହ୍ନ

ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ରାଜ୍ୟର ସମସ୍ତ ୧୪୭ ଆସନରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିଆ ହେଉଛନ୍ତି ବୋଲି ଜାଣିବେ। ସେହି ଅନୁଯାୟୀ ପରିଶ୍ରମ କରିବେ। ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ଜିତାଇ ଆଣିବେ ବୋଲି ସେ କହିଥିଲେ। ଏଥିସହିତ ଗୋଟିଏ ଚିହ୍ନ ଶଙ୍ଖ ଚିହ୍ନକୁ ମନେ ରଖିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।



## ସେଲଫି ପାଇଁ ଭିଡ଼

ଉଭୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସାରିବା ପରେ ସାଧାରଣ କର୍ମୀ ଓ କଲେଜ ଛାତ୍ର ଛାତ୍ରୀଙ୍କୁ ଭେଟି ସେମାନଙ୍କ ସହିତ ସେ ସେଲଫି ନେଇଥିଲେ। ଏପରିକି ଛାତ୍ର ଛାତ୍ରୀଙ୍କ ଠାରୁ ମୋବାଇଲ ନେଇ ନିଜେ ଶ୍ରୀ ପାଣ୍ଡିଆନ ସେଲଫି ନେଇଥିଲେ। ଏପରିକି ବୟସ୍କ ମହିଳାମାନେ ପାଣ୍ଡିଆନଙ୍କ ସହିତ ଫଟୋ ଉଠାଇଥିଲେ।









## ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ୍

# ବୋମା ସହିତ ମାରଣାସ୍ତ୍ର ଜବତ; ୫ ଗିରଫ

ବାଲିବନ୍ଧ, ୧୩।୨ (ସମିସ)





କେନ୍ଦୁଝର ଜିଲ୍ଲା ଝୁମ୍ପୁରା ପୁଲିସକୁ ସଫଳତା। ଡକାୟତି ଯୋଜନା ବେଳେ ମାଡି ବସିଲା ପୁଲିସ। କଟିଲପଶି ଜଙ୍ଗଲରୁ ବୋଲେରୋ ସହିତ ୫ ଡକାୟତ ଗିରଫ। ଜୀବନ୍ତ ବୋମା ଓ ବିପୁଳ ପରିମାଣର ମାରଣାସ୍ତ୍ର ଜବତ। କିଛିଦିନ ହେଲା ଝୁମ୍ପୁରା ଥାନାର ବିଭିନ୍ନ ଅଞ୍ଚଳରେ ଚୋରି, ଡକାୟତି, ରାହାଜାନୀ ଭଳି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ବେଳେ ପୁଲିସ ପାଇଁ ଏହା ମୁଣ୍ଡବଥାର କାରଣ ପାଲଟିଥିଲା। ଦୁବୃର୍ତ୍ତମାନେ ଦିନ ଦ୍ୱିପହରେ ଅପରାଧ ଘଟାଇ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତନାଘନା ଚାଲିଥିଲା। ତେବେ ସୋମବାର ଝୁମ୍ପୁରା ଥାନା ଅନ୍ତର୍ଗତ କଟଲପଶି ଜଙ୍ଗଲ ନିକଟରେ ଏକ ବୋଲେରୋ ଠିଆ କରି ବ୍ୟାଙ୍କ ଡକାୟତ ପାଇଁ ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା ଝୁମ୍ପୁରା ପୁଲିସ। ଝୁମ୍ପୁରା ଥାନା ଆଇଆଇସି ସମବାରୀ ହାଁସଦାଙ୍କ ତତ୍ତ୍ୱାବଧାନରେ ପୁଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିବା ବେଳେ ପୁଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରିଥିଲେ ଡକାୟତ ଦଳ। କସରତ କରି ଡକାୟତ ଦଳର ୫ ଜଣଙ୍କୁ ପୁଲିସ କାବୁ କରିଥିବା ବେଳେ ଜଣେ କୌଶଳରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।

ଅଭିଯୁକ୍ତ ବ୍ୟବହାର କରୁଥିବା ଓଡି୦୯ଜି-୫୧୫୮ ନମ୍ବର ବିଶିଷ୍ଟ ବୋଲେରୋ ସହ ୫ ଜଣଙ୍କୁ ଥାନାକୁ ଆଣି ଯାଞ୍ଚ କରିବାରେ ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଜୀବନ୍ତ ବୋମା, କଟୁରି, ଛୁରି, ଭୁଜାଲି ଆଦି ଅନେକ ମାରଣାସ୍ତ୍ର ପାଇଥିଲା। ଏଥିସହିତ ୫ଟି ମୋବାଇଲ ଫୋନ, ଟୁଲୁ ପମ୍ପସେଟର ତାଡ଼ିବା ଯନ୍ତ୍ରପାତି, ଗ୍ଲୋବ୍ସ, ରେଞ୍ଚି, ପାନା ଆଦି ବିପୁଳ ପରିମାଣର ଯନ୍ତ୍ରପାତି ଜବତ କରାଯାଇଥିଲା। ଏହି ଘଟଣାରେ ପୁଲିସ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ମହାଦେବଦେଉଳୀ ଅଞ୍ଚଳର ମହମ୍ମଦ ମୁସ୍ତାକିନ ଓରଫ ବିଟୁ(୨୫) ଓ ସେକ୍ ଅଲ୍ଲୀ ଓରଫ ଆଦି (୨୦), ଚଢେଇଭୋଳ ଅଞ୍ଚଳର ଅବଦୁଲ ଜବାର(୨୨) ଓ ଇମ୍ତିଆଜ ହୁସେନ(୨୧) ଏବଂ ଝାଡଖଣ୍ଡ ରାଜ୍ୟ ପଶ୍ଚିମସିଂହଭୂମ ଜିଲ୍ଲା ମଝିଗାଁ ଥାନା କୋଲପୋଶ ଅଞ୍ଚଳର ରିୟାଜ୍ ହୁସେନ(୨୨)ଙ୍କୁ ଅଟକ ରଖି ପଚରାଉଚୁରା କରାଯିବାରେ ଅନେକ ଅପରାଧିକ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ଝୁମ୍ପୁରାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଡକାୟତି ପାଇଁ ଏହି ଦବୃର୍ତ୍ତମାନେ ସଂଘବଦ୍ଧ ଭାବେ ଯୋଜନା କରୁଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ନାମରେ ଆନ୍ତଃରାଜ୍ୟ ସ୍ତରରେ ଅନେକ ଥାନାରେ ମାମଲା ରହିଥିବା ପୁଲିସ ପକ୍ଷରୁ କୁହାଯାଇଥିବା ବେଳେ ତଦନ୍ତ ପରେ ଅନ୍ୟ ଅପରାଧିକ କାର୍ଯ୍ୟକଳାପ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହାକୁ ନେଇ ଝୁମ୍ପୁରା ଥାନାରେ ୬୬/୨୦୨୪ ନମ୍ବର ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଝୁମ୍ପୁରା ଥାନା ସବ୍‌ଇନ୍ସପେକ୍ଟର ସନାତନ ମହାନ୍ତ, ଏଏସଆଇ ଶ୍ରୀବନ୍ତ ନାଏକ ଓ ଜଗନ୍ନାଥ କାଣ୍ଡେଲକେଙ୍କ ସହିତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲଥିଲେ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଯୋଡ଼ା/ବଡ଼ବିଲ,୧୩।୨(ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭୂୟାଁ ରୋଇଡ଼ା ଅଞ୍ଚଳର ଶିବା ମୁଣ୍ଡା ନାମକ ଯୁବକ ଜଣକ ଜଣେ ୧୬ବର୍ଷର ନାବାଳିକାକୁ ସୋମବାର ଘର ଭିତରକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ପରିବାର ପକ୍ଷରୁ ରୁଗୁଡ଼ି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ କେସ ନଂ ୪୬/୨୪ରେ ପୋକ୍ସୋ ଆକ୍ଟ ରୁଜୁ କରି ଅଭିଯୁକ୍ତ ଶିବା ମୁଣ୍ଡାକୁ ଗିରଫ କରି କେନ୍ଦୁଝର କୋର୍ଟଚାଲାଣ କରିଥିବା ବେଳେ ପୀଡ଼ିତାର ଡାକ୍ତରୀ ମାଇନା କରିଥିବା ଜଣାପଡିଛି।

## ହାଟଡିହୀରେ ଗଡ଼ିଲା ଲକ୍ଷ୍ମୀ ବସ୍



**ହାଟଡ଼ିହୀ/ସୋସୋ,୧୩।୨(ସମିସ):** ଗତକାଲି କେନ୍ଦୁଝର ମୁଖ୍ୟାଳୟରେ ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଲକ୍ଷ୍ମୀ ବସ୍' ସେବା ଲୋକାର୍ପଣ ହେବା ପରେ ଆଜି ଭିନ୍ନ ଗ୍ରାମାଞ୍ଚଳକୁ ବସ୍ ଗଡ଼ିଛି। କେନ୍ଦୁଝର ମୁଖ୍ୟାଳୟରୁ ଗୋଟିଏ ଲକ୍ଷ୍ମୀ ବସ୍ ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ ଆଜି ସକାଳ ୬ଟା ସମୟରେ ହାଟଡ଼ିହୀ ବ୍ଲକରୁ ବାହାରି ଭାୟା ମଠକପୁଣ୍ଡି, ଜମ୍ପିରା, ଢ଼େଙ୍କା, କଣିଆରୀ, ବାଲିବରେଇ, ବିଦ୍ୟାଧରପୁର, ବାଙ୍ଗୋର, ଧନୁର୍ଜୟପୁର ସହ ହଦଗଡ଼ରେ ପହଞ୍ଚିଥିଲା। ଲୋକ ନେଇ ସେଠାରୁ ବାହାରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ପୁନଶ୍ଚ ଉକ୍ତ ରୁଟ୍ ଦେଇ ଯାଇ ସନ୍ଧ୍ୟା ୬ଟା ସୁଦ୍ଧା ବ୍ଲକ୍ କାର୍ଯ୍ୟାଳୟକୁ ଫେରିଛି। ଏହିପରି ପ୍ରତ୍ୟେକ ବସ୍ ନିର୍ଦ୍ଧାରିତ ରୁଟରେ ଦିନକୁ ୨ଥର ଚଳାଚଳ କରିବ ବୋଲି ଜଣାପଡ଼ିଛି। ତେବେ ଆସନ୍ତାକାଲି ସୁଦ୍ଧା ଅନ୍ୟ ୬ଟି ବସ୍ ପହଞ୍ଚିବ ବୋଲି ବସ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସୁପରଭାଇଜର କ୍ଷୀରୋଦ ଖଟୁଆ କହିଛନ୍ତି। ଅନ୍ୟ ବସ୍‌ଗୁଡ଼ିକ ନିର୍ଦ୍ଧାରିତ ରୁଟ୍ ଦେଇ ଚଳାଚଳ କରିବ ବୋଲି ସ୍ଥିରୀକୃତ ହୋଇଛି।

## ବଡ଼ରମ୍ପାସରେ ଆରମ୍ଭ ହେଲା 'ଆମ ବ୍ୟାଙ୍କ ସେବା'



**ହାଟଡ଼ିହୀ,୧୩।୨(ସମିସ):** ଗ୍ରାମାଞ୍ଚଳ ଲୋକଙ୍କ ହାତପାହନ୍ତାରେ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚିଥିବା ବେଳେ 'ଆମ ବ୍ୟାଙ୍କ୍ ସେବା' ଭଳି ଏକ ଐତିହାସିକ ଓ ଯୁଗାନ୍ତକାରୀ ଯୋଜନାର କାର୍ଯ୍ୟକାରୀ ହୋଇଛି। ସରକାରଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ପଞ୍ଚାୟତର ଗ୍ରାମାଞ୍ଚଳବାସୀଙ୍କୁ ବେଶ୍ ଆକୃଷ୍ଟ କରିଛି। ପ୍ରତ୍ୟେକ ପଞ୍ଚାୟତରେ 'ଆମ ବ୍ୟାଙ୍କ୍ ସେବା' କେନ୍ଦ୍ରମାନ ଖୋଲା ଯାଉଥିବା ବେଳେ, ହାଟଡ଼ିହୀ ବ୍ଲକ୍ ବଡ଼ରମ୍ପାସ ପଞ୍ଚାୟତରେ ମଧ୍ୟ ବ୍ୟାଙ୍କ୍ ଅଫ ଇଣ୍ଡିଆର ଏକ ଗ୍ରାହକ ସେବା କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ପଞ୍ଚାୟତ ସ୍ତରରେ ବ୍ୟାଙ୍କ୍ ସେବା ଉପଲବ୍ଧ ହେଉନଥିଲା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ଲୋକମାନେ ନିଜର ଖୁବ୍ ଅଳ୍ପ ସମୟ ବ୍ୟୟ ସହ ହାତପାହନ୍ତାରେ ଆମ ବ୍ୟାଙ୍କ୍ ସେବାର ବିଭିନ୍ନ ଲାଭ ଉଠାଇ ପାରିବେ ବୋଲି ଆଶା ପ୍ରକଟ କରାଯାଇଛି। ବଡ଼ରମ୍ପାସ ପଞ୍ଚାୟତର ଗ୍ରାମବାସୀ ସରକାରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ବଦଳୁଛି ବ୍ଲକ୍ କାର୍ଯ୍ୟାଳୟ କାୟାକଳ୍ପ



**ସୋସୋ, ୧୩।୨(ସମିସ):** ବଦଳୁଛି କେନ୍ଦୁଝର ଜିଲ୍ଲାର ହାଟଡିହୀ ବ୍ଲକ କାର୍ଯ୍ୟାଳୟର କାୟାକଳ୍ପ। ପରିବେଶ, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟତାକୁ ନେଇ ବ୍ଲକ କାର୍ଯ୍ୟାଳୟ ସର୍ବସାଧାରଣରେ ଆକୃଷ୍ଟ ହେବାରେ ଲାଗିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଛୋଟ ପାର୍କ କରାଯିବା ସହିତ ଆଇ ଲଭ ୟୁ ହାଟଡିହୀର ଏକ ସେଲ୍‌ଫି ପଏଣ୍ଟ କରାଯାଇଛି। କାର୍ଯ୍ୟାଳୟ ଗୃହଗୁଡିକର ବ୍ଲକ ତଥା ଜିଲ୍ଲାର ଇଷ୍ଟଦେବୀ, ଦେବତା, ନଦୀ ଆଦି ବିଭିନ୍ନ ଚିତ୍ର କରାଯାଇ କାର୍ଯ୍ୟାଳୟର ଗୃହକୁ ସୌନ୍ଦର୍ଯ୍ୟ କରାଯାଇଛି। ତା'ଛଡା ସଫାସୁତରା କରାଯାଉଥିବାରୁ କାର୍ଯ୍ୟାଳୟ ପରିବେଶଟି ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ବ୍ଲକକୁ ଆସୁଥିବା ଲୋକମାନଙ୍କୁ ଆକୃଷ୍ଟ କରିଛି। ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇ ବ୍ଲକ ପ୍ରାଶସନର ଏହି ପ୍ରୟାସ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

## ଖଣି ବିଭାଗର ଚଢ଼ଉ; ଲୁହାପଥର ଜବତ

**ଯୋଡା,୧୩।୨(ସମିସ):** ଦିନକୁ ଦିନ ଖଣି ଅଞ୍ଚଳରେ ଚୋରା ଲୁହାପଥର ଲୁଟ ହେବାରେ ଲାଗିଛି। ମଙ୍ଗଳବାର ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ପିଡ଼ପୋଖରୀ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚୋରାରେ ଉତ୍ତୋଳନ ହୋଇଥିବା ଲୁହାପଥରକୁ ଖଣି ବିଭାଗ ଚଢ଼ଉ କରି ଜବତକରିଛି। ଯୋଡା ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଖଣିଜ ଚୋରମାନେ ଚୋରାରେ ଲୁହାପଥର ଉତ୍ତୋଳନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣି ଉପନିର୍ଦ୍ଦେଶାଳୟର ଖଣି ଅଧିକାରୀ ଦେବେନ୍ଦ୍ର ନାଥ ଦଳେଇ ଓ ଖଣି ଅଧିକାରୀ ଲକ୍ଷ୍ମଣ କୁମାର ବାରିକ ଖଣି ସ୍କ୍ୱାର୍ଡ ସହିତ ଚଢ଼ଉ କରିଥିଲେ। ତେବେ ସେଠାରେ ଲୁହାପଥର ଉତ୍ତୋଳନ କରୁଥିବା ଚୋରମାନେ ଖସି ଯିବାରେ ସକ୍ଷମ ହୋଇଥିବା ବେଳେ ଚୋରା ଉତ୍ତୋଳନ ହୋଇଥିବା ପ୍ରାୟ ୨୪ ମେଟ୍ରିକ୍ ଟନ୍ ଲୁହାପଥରକୁ ଖଣି ବିଭାଗ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡିଛି।

## ୨ ବାଇକ୍ ଜବତ ; ୨ ଗିରଫ



**ଚମ୍ପୁଆ,୧୩।୨(ସମିସ):** ଚମ୍ପୁଆ ଥାନା ଅଞ୍ଚଳରେ ବାରମ୍ବାର ବାଇକ ଚୋରି ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏହି କିଛି ଦିନ ଭିତରେ ସହରାଞ୍ଚଳରୁ ୨ଟି ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତର ସହ ନେଇ ଚମ୍ପୁଆ ଥାନାର ନୂତନ ଅଧିକାରିଣୀ ଦେବକୀ ନାଏକ ୨ଟି ଯାକ ବାଇକ୍ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେ ବାଇକ ଗୁଡିକର ନମ୍ବର ହେଲା ଓଡି-୦୯-ଭି ୨୯୭୩, ଜେଏଚ୍-୨୨ଏ-୬୧୪୯। ଏହି ଦୁଇଟି ବାଇକର ନମ୍ବର ପ୍ଲେଟ ବାହାର କରି ନିଆଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି। ଥାନା କେସ ନଂ ୭୬/୨୦୨୪ଏକ ମକଦ୍ଦମା ରୁଜୁ କରାଯାଇ ଚୋରି ଅଭିଯୋଗରେ ସମୀର ଖାନ(୨୩), ଇକ୍ରା ନଗର ଚମ୍ପୁଆ ମୁସଲିମ ବସ୍ତି ଏବଂ ଏସକେ ଅଖତର ଝାଟିଆଳି, କରଞ୍ଜିଆ, ମୟୂରଭଞ୍ଜଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଖ୍ରେଇଟାଙ୍ଗିରୀ ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା



**ତୁରୁମୁଙ୍ଗା/କେନ୍ଦୁଝର,୧୩।୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ମୁମ୍ବାଇ-କୋଲକାତା ୪୯ ନମ୍ବର ଜାତୀୟ ରାଜପଥ ଖ୍ରେଇଟାଙ୍ଗରି ଟୋଲ୍‌ପ୍ଲାଜାର ସମସ୍ତ କର୍ମଚାରୀ ନିଜ ନାର୍ଯ୍ୟ ଦରମା ପାଇବା ଦାବି ନେଇ ମଙ୍ଗଳବାର ସକାଳୁ ସମୂହ ଧାରଣାରେ ବସିଛନ୍ତି। ଟୋଲ ପ୍ଲାଜାକୁ ଟେଣ୍ଡରରେ ନେଇଥିବା ସଂସ୍ଥା କର୍ମଚାରୀ ମାନଙ୍କୁ କେନ୍ଦ୍ରୀୟ ଶ୍ରମ ନିୟମ ୧୯୭୦-୭୧ ଆଧାରରେ ଦରମା ଦେଉନଥିବା ଅଭିଯୋଗ ଆଣି କାର୍ଯ୍ୟ ବନ୍ଦ କରି ଟୋଲ୍‌ପ୍ଲାଜା କାର୍ଯ୍ୟାଳୟ ସମ୍ମୁଖରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ବସି ରହିଛନ୍ତି। ଏହି କର୍ମଚାରୀମାନେ ସ୍ୱଳ୍ପ ଦରମାରେ ଦୟନୀୟ ଜୀବନ ଯାପନ କରୁଥିବା ବେଳେ ଟୋଲ୍‌ପ୍ଲାଜାର ଟଙ୍କା ଆଦାୟ ପାଇଁ ଲିଜ୍ ନେଇଥିବା ଠିକା ସଂସ୍ଥା ଏମାନଙ୍କର ଦାବି ନ ଶୁଣିବାରୁ କର୍ମଚାରୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ କର୍ମଚାରୀଙ୍କୁ କୁଶଳୀ, ଅଣକୁଶଳୀ ହିସାବରେ କେନ୍ଦ୍ରୀୟ ଶ୍ରମ ନିୟମ ୧୯୭୦-୭୧ ହାରରେ ଦରମା ଦେବାର ନିୟମ ଥିଲେ ହେଁ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ସେମାନଙ୍କୁ ପ୍ରାପ୍ୟ ଦେଉ ନଥିବା ଅଭିଯୋଗ ଆଣି ଟୋଲପ୍ଲାଜା କର୍ମଚାରୀ ପିନକମଲ ନାଏକ, ସୁଧାଂଶୁ ନାଏକ, ଗଙ୍ଗାଧର ମହାନ୍ତ ଜ୍ୟୋତିରଞ୍ଜନ ନାୟକ, ସ୍ୱରୂପ ରାଉତ, ରତିକାନ୍ତ ସାହୁ, ବନବିହାରୀ ରାଉତ, ବବୁଲ ନାଏକ ଧାରଣାରେ ବସିଛନ୍ତି।

## ୩୨୦ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ପରିଦର୍ଶନ

**ଆନନ୍ଦପୁର,୧୩।୨(ସମିସ):** ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ସହିତ ତିନି ଦିଅଙ୍କୁ ଦର୍ଶନ କରିବା ପାଇଁ ଆନନ୍ଦପୁର ପୌରାଞ୍ଚଳରୁ ୩୨୦ଜଣ ଶ୍ରଦ୍ଧାଳୁ ପୁରୀ ଯାତ୍ରା କରିଥିବା ଜଣାଯାଇଛି। ଆନନ୍ଦପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ୧୬ ଗୋଟି ଓାର୍ଡରୁ ୩୨୦ ଜଣ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ଦଳ ପୁରୀ ଯାଇଥିବା ଜଣାଯାଇଛି। ବିଭିନ୍ନ ଓାର୍ଡର କାଉନସିଲରମାନଙ୍କ ସହଯୋଗରେ ପୌର କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ, ଭାଗବତ ନାୟକ, କର୍ମଚାରୀ ସୁରେନ୍ଦ୍ର କୁମାର ମିଶ୍ର, କବିନ୍ଦ୍ର ସାହୁ, ତାପସ ରାଉଳ, ଶରତ ଚନ୍ଦ୍ର ନନ୍ଦ, ବ୍ରଜ ନାୟକ, ଶିବଶଙ୍କର ଧଡା, ଧନଞ୍ଜୟ ଦାଶ, ଶୁଭକାନ୍ତ ସାହୁ ପ୍ରମୁଖ ଶ୍ରଦ୍ଧାଳୁ ମାନଙ୍କ ଦାୟିତ୍ୱରେ ଥିବା ଜଣାଯାଇଛି।

## ହାଇୱାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ

**ଚମ୍ପୁଆ, ୧୩।୨(ସମିସ):** ଚମ୍ପୁଆ ରାଜସ୍ୱ ବିଭାଗ ପକ୍ଷରୁ ୩ ଗୋଟି ଚିପସ ବୋଝେଇ ହାଇୱା ଗାଡିକୁ ବେଆଇନ ଭାବେ ଚିପ୍‌ସ ଚାଲାଣ ପାଇଁ ଲକ୍ଷାଧିକ ଟଙ୍କାର ଜରିମାନା ଦେବାକୁ ପଡିଥିବା ତହସିଲଦାର ଧର୍ମେନ୍ଦ୍ର ଶତପଥି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳରେ ଦିନକୁ ଦିନ ବାଲି ଓ ଚିପ୍‌ସ ଚୋରାଚାଲାଣ ବଢିଥିବା ବେଳେ ମାଫିଆ ମାନେ ମାଇନିଂ ବିଭାଗ ସହ ରାଜସ୍ୱ ବିଭାଗ ଆଖିରେ ଧୂଳିଦେଇ କରବାର ଚଳାଇଥିଲେ। ଏହି ଚୋରା ଚାଲାଣକୁ ରୋକିବା ଲକ୍ଷ୍ୟ ନେଇ ତହସିଲଦାର ଶ୍ରୀ ସତପଥିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରୟଦର୍ଶିନୀ ଓ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଚଢ଼ଉ କରାଯାଇଛି। ଚଢାଉ ବେଳେ ଧରାପଡିଥିବା ୩ ଗୋଟି ଚିପ୍‌ସ ବୋଝେଇ ହାଇୱାରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି।

## ହିଙ୍ଗୁଳା ନାଟ୍ୟ ସଂସଦ ସଦସ୍ୟଙ୍କ ସ୍ମୃତିସଭା



**ରାମଚନ୍ଦ୍ରପୁର,୧୩।୨(ସମିସ):** ସାଇଁକୁଳ ହିଙ୍ଗୁଳା ନାଟ୍ୟ ସଂସଦର ସକ୍ରିୟ ସଦସ୍ୟ ସ୍ୱର୍ଗତ ରତ୍ନାକର ବିଶ୍ୱାଳଙ୍କ ଏକାଦଶାହ ଅବସରରେ ହିଙ୍ଗୁଳା କ୍ଲବର ସ୍ଥାୟୀ ସଭାଗୃହରେ ଆଜି ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ବରିଷ୍ଠ ସଦସ୍ୟ ତ୍ରିଲୋଚନ ପରିଡା ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଚନ୍ଦ୍ରଶେଖର ବେହେରା, କ୍ଷିରୋଦ ପରିଡା, ଆଲୋକ ଦାସ, ମିଲୁ ପରିଡା, ରାଣା ପରିଡା, ପିଣ୍ଟୁ ପଣ୍ଡା, ରିଙ୍କୁ ବେହେରା, ଦୟାନିଧି ଦାସ, ଦେବବ୍ରତ ପଟ୍ଟନାୟକ, ଦିଲୁ ପଣ୍ଡା, ଶ୍ରୀକାନ୍ତ ସେନାପତି, ପ୍ରତାପ ମହାନ୍ତୀ, ବାବୁ ଚକ୍ର, ଲୁଲୁ ପରିଡା, ଲୁବୁ ସା, ଟୁକୁନ ଦାସ, ବୁଲୁ ବାରିକ ସମେତ କ୍ଲବର ସମସ୍ୟ ସ୍ମୃତିଚାରଣ ସଭାରେ ଯୋଗ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ରାମଚନ୍ଦ୍ରପୁର/ଆନନ୍ଦପୁର, ୧୩।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୬୮ରୁ ୭୦ ବ୍ୟାଚର ପୁରାତନ ବନ୍ଧୁମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ଉତ୍ସବରେ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.କୃଷ୍ଣଚନ୍ଦ୍ର ଜେନା, ସମାଜସେବୀ ଅଜୟ ନାୟକ, କୁସୁମ ମହାରଣା, ମମତା ପରିଡା, ଅକ୍ଷୟ ଚକ୍ର, ହରେକୃଷ୍ଣ ଚକ୍ର ଯୋଗ ଦେଇ ବନ୍ଧୁମାନଙ୍କୁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ନିଜ କର୍ମମୟ ଜଞ୍ଜାଳ ଭିତରୁ ବାହାରି ପିଲା ଦିନର ସ୍ମୃତି ମନେ ପକାଇବା ଅତି ସୌଭାଗ୍ୟର କଥା। ଏହି ବନ୍ଧୁମିଳନ ଉତ୍ସବରେ ନାରାୟଣ ମହାରଣା, ମନମୋହନ ପରିଡା, ଗୟାଧର ବେହେରା, ଡ.ଜ୍ୟୋସ୍ନାମଣୀ କୁଅଁର, ପଦ୍ମାବତୀ ଚକ୍ର, ମାଣିକ କୁଅଁର, ଧନେଶ୍ୱର ସାହୁ, ଅରୁଣା ପାତ୍ର, ଅନନ୍ତ ସାହୁ, ଭରତ ମହାରଣା, ନକୁଳ କର, ଧୀରେନ୍ଦ୍ର ବେହେରା, ନକୁଳ ପେରେଇ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କେନ୍ଦୁଝର,୧୩।୨(ସମିସ)





ରାଇସୁଆଁଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ରାଇସୁଆଁ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ରତୀନ୍ଦ୍ର ପରିଡା, ରାଇସୁଆଁ ସରପଞ୍ଚ ଅନନ୍ତ ଦେହୁରୀ, ସମିତି ସଭ୍ୟା ସୁଦୀପ୍ତା ରାଉତ, ଅବସରପ୍ରାପ୍ତ ଏବିଇଓ ଶାନ୍ତନୁ ରାଉତ, ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଭାଗିରଥୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପଞ୍ଚୟତ ଅଞ୍ଚଳର ସମସ୍ତ ଓାର୍ଡ ମେମ୍ବର, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନଓାଡି କର୍ମଚାରୀ, ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, କୃଷି ବିଭାଗ କର୍ମଚାରୀ, ମିଶନ ଶକ୍ତି କର୍ମୀ, ଶିକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ବ୍ରହ୍ମାନନ୍ଦ ବାରିକ, ଜିଆର୍‌ଏସ୍ ଦେବାଶିଷ ରାଉତ ଏବଂ ସନାତନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୌରପାଳିକାର ପଦ୍ମପୁରରେ ଆଜି 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଦ୍ମପୁର ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଂଗଠିକା ରାଜସ୍ରୀ ମିଶ୍ର ସଂଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର ଲକ୍ଷ୍ମୀଧର ଦେହୁରୀ, ପଦ୍ମାବତୀ ସେଠୀ, ଅଗ୍ନିଶମ ଅଧୀକାରୀ ରାଧୁ ଚରଣ ମଲିକ, ଟିପିଏନଓଡିଏଲର ପିଆରଓ ସୁରେଶ ବେହେରା, ୱାଟେକୋର ବୈଷୟିକ ସହାୟକ ଅନୀଲ ସାମଲ ଯୋଗ ଦେଇଥିଲେ। ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ଜରିଆରେ ୫ କୋଟି ୩ ଲକ୍ଷ ୨୦ ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିବା ବେଳେ ଜାଗା ମିଶନ ଯୋଜନାରେ ୧୧୩୦ ପରିବାରକୁ ଘରଡିହ ପଟା ଦିଆଯାଇଛି। ପୌରାଞ୍ଚଳର ୧୬୬ଟି ରାସ୍ତାର ଉନ୍ନତିକରଣ ପାଇଁ ୨୩ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିବାରୁ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମରେ ଅଗ୍ରଗତି ହୋଇପାରିଛି ବୋଲି ମୁକ୍ତା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନୀଳମଣି ଦାଶ, ଲକ୍ଷ୍ମଣ ସାହୁ, ଅଙ୍ଗନବାଡି କର୍ମୀ ସୁଶୀଳା ସାହୁ, ପ୍ରମିଳା ସାହୁ, ଉର୍ମିଳା ସାହୁ, ସ୍ୱଚ୍ଛସାଥୀ ଜୟନ୍ତୀ ସେନାପତି, ଅନୁପମା ସାହୁ, ପୌର କର୍ମଚାରୀ ସୁରେନ୍ଦ୍ର ମିଶ୍ର, ସହରାଞ୍ଚଳ ମିଶନ ପରିଚାଳକ ସୀମାଞ୍ଚଳ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ୧ନଂ ଓ ୨ନଂ ଓାର୍ଡର ମହିଳା, ସ୍ୱୟଂସହାୟିକା ଗୋଷ୍ଠୀ, ସ୍ୱଚ୍ଛସାଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



**ଆନନ୍ଦପୁର:** ଆନନ୍ଦପୁର ବ୍ଲକ ମନୋହରପୁର ଠାରେ ଆଜି 'ନୂଆ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଯୁବକଯୁବତୀମାନଙ୍କୁ ନେଇ ନୃତ୍ୟସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ପାଲା କଳାକାରମାନଙ୍କ ଦ୍ୱାରା ମଞ୍ଚରେ ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ଶେଷରେ ଆୟୋଜିତ ସାଧାରଣ ସଭାରେ ବିଡିଓ ଶ୍ରୀ ନାୟକ, ସରପଞ୍ଚ ରାମଚନ୍ଦ୍ର ମୁର୍ମୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱାଗତ ଦାସ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇ ବିଭିନ୍ନ ସାଂସ୍କୃତିକ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତର ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

